# ସାହିତ୍ୟ ଏକାଡେମୀର ପୁସ୍ତକ ଆଲୋଚନା କାର୍ଯ୍ୟକ୍ରମ

**ଓଡ଼ିଆ ବାର୍ତ୍ତା । odiabarta.in**

ରଜତ ବଂଶଲ

କେନ୍ଦ୍ର ସାହିତ୍ୟ ଏକାଡେମୀର ଆଞ୍ଚଳିକ କାର୍ଯ୍ୟାଳୟ, କୋଲକାତା ପ୍ରେକ୍ଷାଳୟରେ ଏକ ପୁସ୍ତକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ଯୋଗ ଦେଇ ବଙ୍ଗଳାରେ ଅନୂଦିତ ଏବଂ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଚାରିଟି ପୁସ୍ତକ ସମ୍ପର୍କରେ ଚର୍ଚ୍ଚା କରିଥିଲେ ବିଶିଷ୍ଟ ଅନୁବାଦିକା ପ୍ରଫେସର କୃଷ୍ଣା ଭଟ୍ଟାଚାର୍ଯ୍ୟ ଏବଂ ଶ୍ୟାମଳ ଭଟ୍ଟାଚାର୍ଯ୍ୟ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ସାହିତ୍ୟ ଏକାଡେମୀ କୋଲକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ। ଡକ୍ଟର ଗୌରହରି ଦାସଙ୍କ ଏକାଡେମୀ ପୁରସ୍କାରପ୍ରାପ୍ତ ମୂଳ ଓଡ଼ିଆ ଗଳ୍ପ ସଙ୍କଳନ 'କଣ୍ଟା ଓ ଅନ୍ୟାନ୍ୟ ଗଳ୍ପ'ର ବଙ୍ଗଳା ଅନୁବାଦ ପୁସ୍ତକ ସମ୍ପର୍କରେ ଆଲୋଚନା କରିବା ପୂର୍ବକ ପ୍ରଫେସର ଭଟ୍ଟାଚାର୍ଯ୍ୟ କହିଥିଲେ ଯେ, ସଂକଳନର ଗଳ୍ପଗୁଡ଼ିକରେ




ସାମ୍ପ୍ରତିକ ସମାଜର ନିଛକ ପ୍ରତିଚ୍ଛବି ରହିଛି। ଏହା ଏକ ସାର୍ଥକ ସୃଷ୍ଟି। ମୁଖ୍ୟତଃ ନାରୀ ଚରିତ୍ରମାନଙ୍କର କଥା କହିବାବେଳେ ଲେଖକଙ୍କର ବର୍ଣ୍ଣନା ଖୁବ୍ ଜୀବନ୍ତ ଓ ମର୍ମସ୍ପର୍ଶୀ ହୋଇଛି। ଗଳ୍ପଗୁଡ଼ିକ ପଢ଼ିବା ବେଳେ ପାଠକଙ୍କୁ ଲାଗିବ ଯେମିତି କି ସେ ତାହାର ଆଖପାଖରେ ସେମାନଙ୍କୁ ଦେଖିଛି। ଡକ୍ଟର ଦାସଙ୍କ ଏକାଧିକ ଗଳ୍ପରେ କୁସଂସ୍କାର ଓ ଅନ୍ଧବିଶ୍ୱାସ ହେତୁ କିଭଳି ନାରୀ ନିର୍ଯାତିତ ହେଉଛି ତାହାର କାହାଣୀ ଉପସ୍ଥାପିତ ହୋଇଛି। ଆଉ କେତେକ ଗଳ୍ପରେ ଅସାଧୁ ଏବଂ ଲୋଭୀ ମଣିଷର ନଗ୍ନ ଚରିତ୍ରକୁ ପଦାରେ ପକାଇଛନ୍ତି ଗାଳ୍ପିକ। ସଂକଳନର ଷୋହଳଟି ଗଳ୍ପ ସଂପର୍କରେ ମାର୍ମିକ ଭାବରେ ଆଲୋଚନା କରିଥିଲେ ପ୍ରଫେସର ଭଟ୍ଟାଚାର୍ଯ୍ୟ। ସୂଚନାଯୋଗ୍ୟ ଯେ ୨୦୧୨ ମସିହାରେ ଗଳ୍ପ ସଙ୍କଳନ 'କଣ୍ଟା ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ଡକ୍ଟର ଦାସ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ତିନିଟି ବଙ୍ଗଳା ଅନୁବାଦ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ ବିଶିଷ୍ଟ ଅନୁବାଦକ ଶ୍ୟାମଳ ଭଟ୍ଟାଚାର୍ଯ୍ୟ। ସେଗୁଡ଼ିକ ହେଉଛି ବେଦ ରାହୀଙ୍କ ଡୋଗ୍ରୀ ଗଳ୍ପ ସଙ୍କଳନ 'ଆୟ ରେ', ଓମ ଗୋସ୍ୱାମୀଙ୍କ ଡୋଗ୍ରୀ ସଙ୍କଳନ 'ସୋନାର ପକ୍ଷୀ' ଏବଂ ମୋହନ ଭଣ୍ଡାରୀଙ୍କ ପଞ୍ଜାବୀ ଗଳ୍ପ ସଙ୍କଳନ 'କୁମାରୀ ହରିନୀର ଟୋଖା'। ଶେଷରେ ଆଲୋଚକଦ୍ୱୟ ଶ୍ରୋତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଙ୍ଗଳା ଭାଷାର ବହୁ ଲେଖକ ଏବଂ ଅନୁବାଦକ ଯୋଗ ଦେଇଥିଲେ।